OFFICE OF THE TAHASILDAR * BARIPADA *

PR No - 1325 / 2024

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାରିପଦା

**ଇସ୍ତାହାର** (ଡି-ରିଜର୍ଭେସନ କେସ ନଂ- ୦୩ / ୨୦୨୪)

( ସରକାରୀ ଜମିର ଖାତା ପରିବର୍ତ୍ତନ ସମ୍ବନ୍ଧେ )

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଜମି **ଓଡିଶା ସରକାର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗଙ୍କ ଶିମିଳିପାଳ ଦକ୍ଷିଣ ବନ୍ୟଜନ୍ତୁ ଉପଖଣ୍ଡ କାର୍ଯ୍ୟାଳୟ ଗୃହ ନିର୍ମାଣ** ନିମନ୍ତେ ଏଲାଇନେସନ ସୂତ୍ରେ ବନ୍ଦୋବସ୍ତ କରିବାର ପ୍ରସ୍ତାବ ହୋଇଅଛି । ଯେହେତୁ ଉକ୍ତ ଜମି ସରକାରୀ ରକ୍ଷିତ ଖାତା ଏବଂ କିସମ-ଘରବାରି ଅଛି ତାର ପରିବର୍ତ୍ତନ ଆବଶ୍ୟକ ହେଉଅଛି । ଏଣୁ ଏହି ଖାତା ଏବଂ କିସମ ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ତ ଫ ସି ଲ**

ମୌଜାର ନାମ-ୟୁନିଟ ନଂ-୦୩, ଫରେଷ୍ଟ କୋଲନିସାହି ଥାନାର ନାମ :- ବାରିପଦା ନଂ:-୮୯

| ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | ବର୍ତ୍ତମାନର କିସମ | ଆବଶ୍ୟକ ପରିବର୍ତ୍ତିତ ଖାତା |
|---|---|---|---|---|
| ୨୪୬ (ରକ୍ଷିତ) | ୧୧ | ଏ.0.୧୧ | ଘରବାରି | ଖାତା-ଅନାବାଦୀ କିସମ-ପତିତ |
| ମୋଟ | | ଏ.0.୧୧ | | |

ଏହାର ଏକକିତା ନକଲ ୟୁନିଟ ନଂ-୦୩, ଫରେଷ୍ଟକୋଲନିସାହି ମୌଜାରେ ଡେଙ୍ଗୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ମ୍ୟୁନିସିପାଲଟି ଅଫିସ,ବାରିପଦା /ରାଜସ୍ୱ ନିରୀକ୍ଷକ, ବାରିପଦା- ୦୩ ଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାରିପଦା ତହସିଲ ଅଫିସ ନୋଟିସବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦା ଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

TAHASILDAR
BARIPADA

ତହସିଲଦାର, ବାରିପଦା